**ମହିଳାଙ୍କଠାରୁ ଝାମ୍ପିନେଲେ ସୁନାଚେନ**

**ଖୋର୍ଦ୍ଧା ଅଫିସ:** ଖୋର୍ଦ୍ଧା ସହରରେ ଲୁଟେରାଙ୍କ ପାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳବାର ଡାକ୍ତରର୍ସ ଲେନ(ପୋଷ୍ଟ ଅଫିସ ଗଳି)ର ନମିତା ତ୍ରିପାଠୀଙ୍କଠାରୁ ଦୁଇଜଣ ଯୁବକ ସୁନାଚେନ ଝାମ୍ପିନେଇ ଫେରାର ହୋଇଯାଇଛନ୍ତି। ଲୁଟ୍‌ର ଦୃଶ୍ୟ ନିକଟ ସିସିଟିଭିରେ କଏଦ ହୋଇଛି। ନମିତାଙ୍କ ଅଭିଯୋଗକ୍ରମେ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନରେ ନମିତା ଘର ଆଗରେ ଛିଡ଼ା ହୋଇ ପୁତୁରାଙ୍କ ସହ କଥା ହେଉଥିଲେ। ଏହି ସମୟରେ ଦୁଇ ଜଣ ଯୁବକ ବାଇକ୍‌ରେ ଆସି ନମିତାଙ୍କ ବେକ ପଛପଟୁ ସୁନାଚେନ ଛିଣ୍ଡାଇ ନେଇ ଫେରାର ହୋଇଯାଇଥିଲେ।

## ସଂକ୍ଷେପରେ

### ସିଂହଦ୍ୱାର ଥାନାରେ ଏତଲା

**ମହାପ୍ରସାଦ ପ୍ରତି ଅସମ୍ମାନ ପ୍ରସଙ୍ଗ**

**ପୁରୀ ଅଫିସ,୩।୧୧:** ମହାପ୍ରସାଦ ପ୍ରତି ଅସମ୍ମାନକୁ ନେଇ ଶ୍ରୀଜଗନ୍ନାଥ ଭକ୍ତ ପରିଷଦ ପକ୍ଷରୁ ମଙ୍ଗଳବାର ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ସମ୍ପୃକ୍ତ ଶ୍ରଦ୍ଧାଳୁ ଏବଂ ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଲାଗି ପରିଷଦ ଅନୁରୋଧ କରିଛି। ପରିଷଦର ଆବାହକ ସୂର୍ଯ୍ୟନାରାୟଣ ରଥ ଓ ଉପଦେଷ୍ଟା ଦୁର୍ଗାପ୍ରସାଦ ମହାପାତ୍ର ଏହି ଏତଲା ଦେଇଛନ୍ତି। କରୋନା ପାଇଁ ଗତ ୮ ମାସ ହେଲା ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିଛି। କାର୍ତ୍ତିକ ମାସରେ ଭକ୍ତ ଓ ହବିଷିଆଳିଙ୍କୁ ମହାପ୍ରସାଦ ଯୋଗାଇଦେବାକୁ ପ୍ରଶାସନ ବ୍ୟବସ୍ଥା କରିଛି। ଉତ୍ତର ଓ ଦକ୍ଷିଣ ଦ୍ୱାରରେ ଅସ୍ଥାୟୀ ଶିବିର କରାଯାଇଛି। ସୋମବାର କେତେଜଣ ଶ୍ରଦ୍ଧାଳୁ ଚପଲ ପିନ୍ଧି ଶେଡ୍‌ରେ ପଡ଼ିଥିବା ଚେୟାରରେ ବସି ମହାପ୍ରସାଦ ସେବନ କରୁଥିଲେ। ଏହା ମହାପ୍ରସାଦର ପବିତ୍ରତା ପ୍ରତି ଅବମାନନା ସହ ପରମ୍ପରା ବିରୋଧୀ। ତେଣୁ ଏଭଳି କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପରିଷଦ ଥାନାରେ ଏତଲା ଦେଇଛି।

### ଡକାୟତି ଯୋଜନା ପଣ୍ଡ, ୭ ଗିରଫ

**ପୁରୀ ଅଫିସ,୩।୧୧:** ଟାଉନ ଥାନା ପୋଲିସ ଏକ ଡକାୟତି ଯୋଜନା ପଣ୍ଡ କରିବା ସହ ୭ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଗୋଟିଏ ଲୁହାରଡ୍ ଜବତ କରାଯାଇଛି। ମଙ୍ଗଳବାର ଟାଉନ ପୋଲିସ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଜଗନ୍ନାଥ ବଲ୍ଲଭ ପାର୍କିଂ ପରିସରରେ କେତେଜଣ ଯୁବକ ବସି ଡକାୟତି ପାଇଁ ଯୋଜନା କରୁଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ସେଠାରୁ ୭ଜଣଙ୍କୁ ଗିରଫ କରାଯାଇଥିଲା। ସେମାନେ ହେଲେ ଭୀମେଶ୍ୱର ସୁବୁଦ୍ଧି, ନୃସିଂହ ପ୍ରସାଦ ସୁବୁଦ୍ଧି, ସୂର୍ଯ୍ୟପ୍ରସାଦ ମହାଭୋଇ, ଶ୍ରୀକାନ୍ତ ବେଜ, ଦେବାଶିଷ ବାରିକ, ରାମକୃଷ୍ଣ ଗୋଛାୟତ ଓ ଭବାନୀଶଙ୍କର ରଥ। ଏ ନେଇ ଥାନାରେ ଏକ ମାମଲା (ନଂ.୨୨୨/୨୦) ରୁଜୁ କରାଯାଇଥିବା ପୋଲିସ କହିଛି।

### ଲିଙ୍କ୍ ନ ଥିବାରୁ ଡାକଘରେ ମିଳୁନି ସେବା

**ବାଲିଅନ୍ତା,୩।୧୧(ଡି.ଏନ୍.ଏ.):** ବାଲିଅନ୍ତା ଉପଡାକଘରରେ ଅଧିକାଂଶ ସମୟ ନେଟୱାର୍କ ନ ଥିବା, ଲିଙ୍କ୍ ରହୁ ନ ଥିବାରୁ ଗ୍ରାହକମାନେ ବିଭିନ୍ନ ସେବାରୁ ବଞ୍ଚିତ ହେଉଛନ୍ତି। ଦୀର୍ଘଦିନ ଧରି ଏଭଳି ସମସ୍ୟା ଲାଗିରହିଥିଲେ ମଧ୍ୟ ଏହାର ସମାଧାନ ହେଉ ନାହିଁ। ମଙ୍ଗଳବାର ସ୍ଥାନୀୟ ପାଟଣାଗ୍ରାମର ୧୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଟଙ୍କା ଜମା ଓ ଉଠାଣ ପାଇଁ ଆସିଥିବାବେଳେ କିଛି ନ ହେବାରୁ ଡାକଘର ସମ୍ମୁଖରେ ବିକ୍ଷୋଭ କରିଥିଲେ। ପରେ ସାମାଜିକ କର୍ମୀ ମଙ୍ଗରାଜ ବେହେରା ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଏନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ପ୍ରତିକାର ଦାବି କରିଥିଲେ। ଏ ସମ୍ପର୍କରେ ଉପଡାକପାଳ ଏସ୍.ରାଜା ସେଠୀ କୁହନ୍ତି, ଡାକଘରେ ଥିବା ୨ଟି ଇଣ୍ଟରନେଟ୍ ନେଟ୍‌ୱର୍କ ଖରାପ ଅଛି। ଏ ନେଇ ଉପରିସ୍ଥ ଅଧିକାରୀଙ୍କ ସହ କଥା ହେବୁ।

### ଉତ୍କଳ ସ୍ୱର୍ଣ୍ଣ ରୌପ୍ୟ ଶିଳ୍ପୀ ସଂଘ ସଭାପତିଙ୍କ ପରଲୋକ

**କଟକ ଅଫିସ,୩।୧୧:** ଉତ୍କଳ ସ୍ୱର୍ଣ୍ଣ ରୌପ୍ୟ ଶିଳ୍ପୀ ସଂଘର ଆଜୀବନ ସଭାପତି ରାମଚନ୍ଦ୍ର ସାହୁ(୮୫)ଙ୍କର ମଙ୍ଗଳବାର ଅପରାହ୍ନରେ ମହମ୍ମଦିଆ ବଜାରସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ବିଭିନ୍ନ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶର୍ଯ୍ୟା ନିକଟରେ ପୁତ୍ର ଭାନୁପ୍ରତାପ ସାହୁ, ପୁତ୍ରବଧୂ, କନ୍ୟା, ଜାମାତା, ନାତୁଣୀନାତିଙ୍କ ସମେତ ବହୁ ସମ୍ପର୍କୀୟ ଉପସ୍ଥିତ ଥିଲେ। ରାମଚନ୍ଦ୍ର ଜଣେ ସୁଦକ୍ଷ ସଙ୍ଗଠକ ଥିଲେ। ମହମ୍ମଦିଆ ବଜାରର ପୂର୍ବତନ ସମ୍ପାଦକ ଭାବେ ସେ ଦାୟିତ୍ୱ ନିର୍ବାହ କରିଥିବାବେଳେ ଅନେକ ସାମାଜିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ଅଖିଳ ଭାରତୀୟ ସ୍ୱର୍ଣ୍ଣକାର ସଂଘ ସଭାପତି ଓ ସଭ୍ୟମାନେ ଗଭୀର ଶୋକପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଉତ୍କଳ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା, ସାଧାରଣ ସମ୍ପାଦକ ଅଶ୍ୱିନୀ ମହାରଣା, ଦୀଲିପ ପୃଷ୍ଟି, ତାରକାନାଥ ଦାସ ଓ ଅତୁଲ ସାହୁଙ୍କ ସହ ଅନ୍ୟମାନେ ରାମଚନ୍ଦ୍ରଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ଆକ୍ରାନ୍ତଙ୍କଠାରୁ ସୁସ୍ଥ ଅଧିକ

**ଭୁବନେଶ୍ୱର, ୩।୧୧(ବ୍ୟୁରୋ)**

ରାଜଧାନୀରେ ନୂଆ କରୋନା ଆକ୍ରାନ୍ତଙ୍କ ସଂଖ୍ୟାଠାରୁ ସୁସ୍ଥ ସଂଖ୍ୟା ଅଧିକ ରହିଛି। ଭୁବନେଶ୍ୱରରୁ ଗତ ୨୪ଘଣ୍ଟାରେ ୬୯ ପଜିଟିଭ ଚିହ୍ନଟ ହୋଇଥିବାବେଳେ ୧୮୦ ଜଣ ଆରୋଗ୍ୟ ଲାଭ କରିଛନ୍ତି। ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୧୪ଜଣ କ୍ୱାରାଣ୍ଟାଇନ ସେଣ୍ଟରର ଥିବାବେଳେ ୫୫ ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଏ ନେଇ ମଙ୍ଗଳବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ୍ ଜରିଆରେ ସୂଚନା ଦିଆଯାଇଛି। କ୍ୱାରାଣ୍ଟାଇନ ସେଣ୍ଟରରୁ ଚିହ୍ନଟ ବ୍ୟକ୍ତିମାନେ ପୂର୍ବରୁ ଆକ୍ରାନ୍ତ ହୋଇଥିବା ରୋଗୀଙ୍କ ସଂସ୍ପର୍ଶରେ ଆସିଥିଲେ। ଏମାନଙ୍କ ମଧ୍ୟରେ ସହୀଦନଗରରୁ ୫ଜଣ, ରସୁଲଗଡ଼ ଓ ଟଙ୍କପାଣି ରୋଡ଼ରୁ ୪ଜଣ ଲେଖାଏ, ପୁରୁଣା ଭୁବନେଶ୍ୱର ଓ ଗ୍ୟାରେଜ ଛକରୁ ୩ଜଣ ଲେଖାଏ, ସୁନ୍ଦରପଦା, ଚନ୍ଦ୍ରଶେଖରପୁର ଓ ମଞ୍ଚେଶ୍ୱରରୁ ୨ଜଣ ଲେଖାଏ ରହିଛନ୍ତି। ସୂଚନାନୁସାରେ, ଭୁବନେଶ୍ୱରରେ ୨୯,୩୭୯ ଜଣ ପଜିଟିଭ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୨୮,୧୩୮ ଜଣ ସୁସ୍ଥ ହୋଇସାରିଛନ୍ତି। ବର୍ତ୍ତମାନ ୧,୦୫୦ ଜଣ ଆକ୍ରାନ୍ତ ସକ୍ରିୟ ଥିବାବେଳେ ୧୭୦ ଜଣଙ୍କର ମୃତ୍ୟୁ ଘଟିଲାଣି।

ଅନ୍ୟପକ୍ଷରେ ସୋମବାରରୁ ଖୋଲାଯାଇଥିବା ସମସ୍ତ ଆହାର କେନ୍ଦ୍ରରେ କରୋନା ନିର୍ଦ୍ଦେଶାବଳୀକୁ ମାନିବା ପାଇଁ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧୁରୀ ନିବେଦନ କରିଛନ୍ତି। ସେ କହିଛନ୍ତି ଯେ, ସମସ୍ତ ଆହାର କେନ୍ଦ୍ରରେ ସାନିଟାଇଜକୁ ଗୁରୁତ୍ୱ ଦିଆଯାଇଛି। ଖାଇବା ବେଳେ ଯେପରି ସାମାଜିକ ଦୂରତା ବଜାୟ ରହିବ ସେଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଛି। ଗାଇଡ୍‌ଲାଇନ୍ ଠିକ୍ ଭାବେ ପାଳନ କରାଯାଉଛି କି ନାହିଁ ତାକୁ ମନିଟରିଂ କରିବା ପାଇଁ ଡେପୁଟି କମିଶନର, ୱାର୍ଡ ଅଫିସର ଏବଂ ଇଞ୍ଜିନିୟରମାନଙ୍କୁ ଦାୟିତ୍ୱ ଦିଆଯାଇଛି।




ବର୍ଦ୍ଧିତ ବିଦ୍ୟୁତ ଦର ବୃଦ୍ଧି ପ୍ରତିବାଦରେ ଆଇଏନ୍‌ଟିୟୁସି ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

## ଆକର୍ଷଣ ସାଜିଲା କୁମାର ପୂନେଇ ଜହ୍ନଲୋ...

**କୁମାର ଉତ୍ସବ ଉଦ୍‌ଯାପିତ**

**ମ୍‌ପୁରୀ ଅଫିସ,୩।୧୧**

କରୋନା ପାଇଁ ସେବା ଓ ସମର୍ପଣ ଭାବେ ଅନୁଷ୍ଠିତ ତିନିଦିନିଆ ୫୩ତମ କୁମାର ଉତ୍ସବ ମଙ୍ଗଳବାର ପୁରୀ ଟାଉନ ହଲ୍ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତଥା ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଉଦ୍‌ଘାଟକ, ଶ୍ରୀମନ୍ଦିର ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସମହାପାତ୍ର ମୁଖ୍ୟ ଅତିଥି, ମୁଖ୍ୟ ଉପଦେଷ୍ଟା ସତ୍ୟପ୍ରକାଶ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପୂର୍ବତନ କାଉନ୍‌ସିଲର ସରସ୍ୱତୀ ପାତ୍ର, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ସେବାୟତ ମଧୁସୂଦନ ସିଂହାରୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଆକର୍ଷଣ ଥିଲା ରୁପା ଆଣ୍ଡ ଗ୍ରୁପ୍ ପକ୍ଷରୁ ନୃତ୍ୟଗୁରୁ ରୂପଲତା ମହାନ୍ତିଙ୍କ ନିର୍ଦ୍ଦେଶିତ ନୃତ୍ୟ ବିଚିତ୍ରା କୁମାର ପୁନେଇ ଜହ୍ନଲୋ ଫୁଲ ବଉଳ ବେଣୀ...। ପରେ କଣ୍ଠଶିଳ୍ପୀ କୁମାର ବିଷ୍ଣୁ, ଯାଜ୍ଞସେନୀ ନାୟକ ଏବଂ ମନସ୍ୱିନୀ ପଟ୍ଟନାୟକ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। କରୋନା ମୁକାବିଲାରେ ସହଯୋଗ ପାଇଁ ପୁରୀ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ବ୍ୟକ୍ତିବିଶେଷ ତଥା ସାମାଜିକ ସଙ୍ଗଠନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କରୋନାରେ ମୃତ ବ୍ୟକ୍ତିଙ୍କ ସ୍ମୃତିରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଗୋପାଳ ଚନ୍ଦ୍ର ଖୁଣ୍ଟିଆ, କାର୍ଯ୍ୟକାରୀ ସଭାପତି ରାଜେଶ ମିଶ୍ର, ରଶ୍ମିରଞ୍ଜନ ସିହ୍ନା ଏବଂ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ।



ପୁରୀ କୁମାର ଉତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

### ସାରୁଅ ଜମି ଦୁର୍ନୀତି ମାମଲା

**ପୁଣି ରିମାଣ୍ଡରେ ଗଲେ ଓଟିଭି ସିଏଫ୍‌ଓ**

**ଭୁବନେଶ୍ୱର, ୩।୧୧ (ବ୍ୟୁରୋ)**

ସାରୁଅ ଜମି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ଓଟିଭି ସିଏଫ୍‌ଓ ମନୋରଞ୍ଜନ ଷଡ଼ଙ୍ଗୀଙ୍କର ୨ଦିନିଆ ରିମାଣ୍ଡ ଅବଧି ମଙ୍ଗଳବାର ଶେଷ ହୋଇଛି। ଏହାପରେ ସେ ଖୋର୍ଦ୍ଧା ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ହାଜର ହୋଇଥିଲେ। ମନୋରଞ୍ଜନଙ୍କୁ ୧୦ ଦିନିଆ ରିମାଣ୍ଡରେ ନେବା ପାଇଁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପକ୍ଷରୁ କୋର୍ଟରେ ଆବେଦନ କରାଯାଇଥିଲା। ତେବେ କୋର୍ଟ ତାଙ୍କୁ ଦିନିକିଆ ରିମାଣ୍ଡରେ ନେବା ଲାଗି ଅନୁମତି ପ୍ରଦାନ କରିଛନ୍ତି। ଏହାପରେ ତାଙ୍କୁ ପୁଣି ପଚରାଉଚରା ଲାଗି ରିମାଣ୍ଡରେ ନିଆଯାଇଛି। ଅନ୍ୟପକ୍ଷରେ ଇନଫ୍ରାଟେକ୍ ପ୍ରାଇଭେଟ ଲିମିଟେଡ୍‌ର ପାୱାର ଅଫ୍ ଆର୍ଟର୍ନି ଶିବ ପ୍ରସାଦ ଶ୍ରୀଚନ୍ଦନଙ୍କୁ ଜେରା କରାଯାଇଛି। ଏହି ମାମଲାରେ ମନୋରଞ୍ଜନ ଓ ଶିବ ପ୍ରସାଦଙ୍କୁ ସାମ୍ନାସାମ୍ନି ବସାଇ କ୍ରାଇମବ୍ରାଞ୍ଚର ଇଓଡବ୍ଲ୍ୟୁ ଜେରା କରିଛି। ଚଞ୍ଚକତାର ସହ କିଭଳି ଭାବେ ଜମି କିଣାବିକା ହୋଇଥିଲା ଏବଂ ଏଥିରେ ଅନ୍ୟ କାହାର ସମ୍ପୃକ୍ତି ରହିଛି ସେ ନେଇ କ୍ରାଇମ୍‌ବ୍ରାଞ୍ଚର ଅଧିକାରୀମାନେ ପଚରାଉଚରା କରିଥିବା ଜଣାପଡ଼ିଛି।

### ଇକୋ ରିଟ୍ରିଟ୍ କାର୍ଯ୍ୟ ପରଖିଲେ ଜିଲାପାଳ

**ସାଂସ୍କୃତିକ କାର୍ଯ୍ୟକ୍ରମ, ଷ୍ଟଲ୍ ବାତିଲ**

**କୋଣାର୍କ,୩।୧୧(ଡି.ଏନ୍.ଏ.)**

ପର୍ଯ୍ୟଟନ ବିଭାଗ ପକ୍ଷରୁ କୋଣାର୍କ-ପୁରୀ ବେଳାମାର୍ଗ ରାମଚଣ୍ଡୀ ମୁହାଣ ନିକଟରେ ଡିସେମ୍ବର ୧ତାରିଖରୁ ଇକୋ ରିଟ୍ରିଟ ଆୟୋଜିତ ହେବ। ଏଥିପାଇଁ ଜୋରଦାର ପ୍ରସ୍ତୁତି ଚାଲିଥିବାବେଳେ ମଙ୍ଗଳବାର ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ଆର ଯାଦବ, ଜିଲାପାଳ ବଲୱନ୍ତ ସିଂ, ପୁରୀ ଡିଏଫ୍‌ଓ ସୁଶାନ୍ତ କୁମାର, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍ ଶ୍ରୀନିବାସ,ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ପ୍ରମୁଖ ବିଭାଗୀୟ ଅଧିକାରୀ ଅନୁଧ୍ୟାନ କରିଥିଲେ। ଖୁବଶୀଘ୍ର ରାସ୍ତା ମରାମତି, ପାନୀୟ ଜଳ ବ୍ୟବସ୍ଥା, ଟେଣ୍ଟ ଓ ବିଦ୍ୟୁତ୍ ସଂଯୋଗ କାର୍ଯ୍ୟ ଆରମ୍ଭ ହେବ। ଗୁଜୁରାଟର ଲାଲୁ ଆଣ୍ଡ ସନ୍ସ କମ୍ପାନୀକୁ ଏହି ଉତ୍ସବର ସମସ୍ତ ଦାୟିତ୍ୱ ଦିଆଯାଇଛି। ବେଳାଭୂମିରେ ୫୦ ଅତ୍ୟାଧୁନିକ ଟେଣ୍ଟ ନିର୍ମାଣ କରାଯିବା ସହ ପର୍ଯ୍ୟଟକଙ୍କ ସୁରକ୍ଷା ପ୍ରତି ଅଧିକ ଦୃଷ୍ଟି ଦିଆଯିବ। କରୋନା କଟକଣା ଯୋଗୁ ଏଥର ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାତିଲ କରିବା ସହ ବିଭିନ୍ନ ଷ୍ଟଲକୁ ମଧ୍ୟ ଅନୁମତି ଦିଆଯିବ ନାହିଁ। ଏ ନେଇ ପର୍ଯ୍ୟଟନ ନିର୍ଦ୍ଦେଶକ ଯାଦବ କୁହନ୍ତି, କୋଣାର୍କ ସହ ଅନ୍ୟ ୪ଟି ସ୍ଥାନରେ ଇକୋ ରିଟ୍ରିଟ ଆୟୋଜନ ହେଉଛି। କୋଭିଡ ଗାଇଡଲାଇନ ପାଳନ କରାଯାଇ ଇକୋ ରିଟ୍ରିଟ ସହ ଜଡ଼ିତ ସମସ୍ତ ବିଭାଗକୁ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆଶା କରୁଛୁ ଏଥର ମଧ୍ୟ କୋଣାର୍କ ଇକୋ ରିଟ୍ରିଟକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିବେ ବୋଲି ଜିଲାପାଳ ସିଂ କହିଥିଲେ।

### ଯୁବକଙ୍କୁ ହତ୍ୟା ଅଭିଯୋଗ

**୨ ଅଟକ, ବାଇକ୍ ଜବତ**

**ନିରାକାରପୁର,୩।୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ଛଣଗିରି ଗ୍ରାମର ବିଦ୍ୟୁତ୍ ସବ୍‌ଷ୍ଟେଶନ ନିକଟରୁ ମଙ୍ଗଳବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ନିମେଇପୁର ମୌଜା ଟାଙ୍ଗୀସାହିର ସେକ୍ ସୁଲେମାନ ଓରଫ ସିଲୁ(୨୮)। ଖବରପାଇ ପୋଲିସ ସହ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହା ସହ ପୋଲିସ ଘଟଣାସ୍ଥଳରୁ ଏକ ବାଇକ୍ ଜବତ କରିଛି। ଅନ୍ୟପକ୍ଷେ ସିଲୁଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ଭାଉଜ ସାଇରୁନ ବିବି ଅଭିଯୋଗ କରିଛନ୍ତି। ସାଇରୁନଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୨୩/୨୦)ରୁଜୁକରି ୨ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ସୋମବାର ରାତି ପ୍ରାୟ ୧୨ଟାରେ ସାଇରୁନ ବାହାରକୁ ଆସିଥିବା ବେଳେ ସିଲୁଙ୍କ ପାଟି ଶୁଣିଥିଲେ। ଏକ ଗଛ ନିକଟରେ ସିଲୁଙ୍କୁ ୮ଜଣ ଲୋକେ ଠେଙ୍ଗା ଓ ଲୁହାରଡରେ ଆକ୍ରମଣ କରୁଥିବା ଦେଖିବାକୁ ପାଇଥିଲେ। ସାଇରୁନ ପାଟି କରିବାରୁ ଆକ୍ରମଣକାରୀମାନେ ତାଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ରାତି ପ୍ରାୟ ୨ଟାରେ ସାଇରୁନ ଥାନାରେ ପହଞ୍ଚି ସମସ୍ତ କଥା କହିଥିଲେ। ଅନ୍ୟପଟେ ପୋଲିସ ସିଲୁଙ୍କ ମୃତଦେହ ଗ୍ରାମର ବିଦ୍ୟୁତ୍ ସବ୍‌ଷ୍ଟେଶନ ନିକଟରୁ ଜବତ କରିଥିଲା। ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ଶୁଶୀଲ କୁମାର ମିଶ୍ର କହିଛନ୍ତି।

## ଉପକୂଳ ରାଜପଥ ନିର୍ମାଣ ଦାବି

**୧୫ରେ ପୁରୀରୁ ଭୁବନେଶ୍ୱର ପଦଯାତ୍ରା**

**ପୁରୀ ଅଫିସ, ୩।୧୧**

କେନ୍ଦ୍ର ସରକାର ଭାରତମାଳା ଯୋଜନାରେ ଉପକୂଳ ରାଜପଥ ନିର୍ମାଣ ଘୋଷଣା କରିଛନ୍ତି। ମାତ୍ର ଗତ ୬ବର୍ଷ ହେଲା ଏହି ପ୍ରକଳ୍ପ ଆଗକୁ ବଢୁନାହିଁ। ତେଣୁ ଖୁବ୍‌ଶୀଘ୍ର ଭାରତମାଳା ପରିଯୋଜନା କାର୍ଯ୍ୟକାରୀ କରିବା ଦାବିରେ ଉପକୂଳ ରାଜପଥ ନିର୍ମାଣ ମିଳିତ କ୍ରିୟାନୁଷ୍ଠାନ ମହାମଞ୍ଚ ଆସନ୍ତା ୧୫ ତାରିଖରେ ପୁରୀରୁ ଭୁବନେଶ୍ୱର ପଦଯାତ୍ରା କରିବ। ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୬ ତାରିଖରେ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ପର୍କିତ ଦାବିପତ୍ର ପ୍ରଦାନ କରାଯିବ। ଏଥିସହ ୧୭ ତାରିଖଠାରୁ ଚନ୍ଦ୍ରଶେଖରପୁରସ୍ଥିତ କେନ୍ଦ୍ରୀୟ ଆଞ୍ଚଳିକ ପରିବେଶ ମନ୍ତ୍ରଣାଳୟଠାରେ ସତ୍ୟାଗ୍ରହ ଆରମ୍ଭ ହେବ ବୋଲି ମହାମଞ୍ଚର ଆବାହକ ଗୁନା ସ୍ୱାଇଁ କହିଛନ୍ତି।

ଆବାହକ ସ୍ୱାଇଁ କହିଛନ୍ତି, ଏହି ରାଜପଥ ନିର୍ମାଣ କରାଗଲେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକର ଅର୍ଥନୀତି ସୁଦୃଢ଼ ସାଙ୍ଗକୁ ଜୀବନ ଜୀବିକା, ଯାତାୟାତ, ପରିବହନ, ପର୍ଯ୍ୟଟନ କ୍ଷେତ୍ରରେ ଦ୍ରୁତ ବିକାଶ ଓ ସମୃଦ୍ଧି ହେବ। ଏଥିସହ ଉପକୂଳବାସୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଏକକ ସଂଯୋଗୀକରଣ ରାଜପଥ ନିର୍ମାଣ ଦ୍ୱାରା ଯାତାୟାତ ଦୂରତା ଓ ସମୟ କମିବା ସହିତ ଖର୍ଚ୍ଚ ମଧ୍ୟ କମିବ। ପରିବହନ ସୁଗମ ହେବ, ଯାନବାହନ ମେଣ୍ଟେନାନ୍ସ ଖର୍ଚ୍ଚ କମିବ, ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ଉପକୂଳ ରାଜପଥ ହେଲେ ବାତ୍ୟା ସମୟରେ ନିରାପଦ ସ୍ଥାନକୁ ଧନଜୀବନ ସ୍ଥାନାନ୍ତର ପ୍ରକ୍ରିୟା ସୁଗମ ହେବ। ରାଜ୍ୟ ସରକାର ସାତପଡ଼ା-ଦୀଘା ଉପକୂଳ ରାଜପଥ ନିର୍ମାଣ ପାଇଁ ସହମତି ପ୍ରକାଶ କରିଛନ୍ତି। କିନ୍ତୁ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ଏହାକୁ ସବୁଜ ସଙ୍କେତ ଦେଉନାହିଁ। ତେଣୁ ମହାମଞ୍ଚ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବ।

### ଅକ୍ଷୟ ସଭାପତି, ଅଜୟ ସମ୍ପାଦକ ମନୋନୀତ

**ବେଗୁନିଆ,୩।୧୧(ଡି.ଏନ୍.ଏ.)**

ବେଗୁନିଆସ୍ଥିତ ମା' ବରମୂଳେଇ ପୀଠ ପରିସରରେ ମଙ୍ଗଳବାର ଭାରତୀୟ ମଜଦୁର ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଜିଲା ସଭାପତି ଗଣେଶ୍ୱର ଦାସଙ୍କ ଅଧ୍ୟକ୍ଷତା କରିଥିଲେ। ଆଗାମୀ ଦିନରେ ସଂଘକୁ କିଭଳି ସୁଦୃଢ଼ କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ବେଗୁନିଆ ବ୍ଲକ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସର୍ବସମ୍ମତିକ୍ରମେ ସଭାପତିଭାବେ ଅକ୍ଷୟ ରଥ, ଅଜୟ କୁମାର ମାର୍ଥା ସମ୍ପାଦକ, କଣ୍ଟୁରି ମହାଭୋଇ ଉପ ସଭାପତି, ଶିବ କୁମାର ମୁନୀ ସହ ସମ୍ପାଦକ ଏବଂ ଅସିତ୍ କୁମାର ତ୍ରିପାଠୀଙ୍କୁ କୋଷାଧ୍ୟକ୍ଷଭାବେ ମନୋନୀତ କରାଯାଇଛି। ବୈଠକରେ ସମ୍ପାଦିକା ଶାନ୍ତିଲତା ସେଠି, ରାଜ୍ୟ କୋଷାଧ୍ୟକ୍ଷ ଲକ୍ଷ୍ମଣ ଦାସଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ନୂଆ କ୍ରୀଡ଼ାନୀତି ଉପରେ ସମୀକ୍ଷା

**କ୍ରୀଡାବିତଙ୍କ ପରିଚୟ ପତ୍ର, ପେନସନ ଆଦି ଅନଲାଇନ ହେବ**

**ଭୁବନେଶ୍ୱର,୩।୧୧(ବ୍ୟୁରୋ)**

କ୍ରୀଡା ଏବଂ ଯୁବସେବା ବିଭାଗ ସମୀକ୍ଷା ବୈଠକ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି । ଏଥିରେ ନୂଆ କ୍ରୀଡ଼ାନୀତି ଶୀଘ୍ର ପ୍ରଣୟନ ଉପରେ ଆଲୋଚନା ହୋଇଛି। ଏଥିସହିତ ବୁକିଂ ସୁବିଧା, ୱେଟେଜ୍ ସାର୍ଟିଫିକେଟ୍, କ୍ରୀଡାବିତ୍‌ଙ୍କ ପରିଚୟ ପତ୍ର ଏବଂ ଅଭାବୀ କ୍ରୀଡାବିତ୍‌ଙ୍କ ପେନ୍‌ସନ୍ ଆଦି ଯୋଜନା ଅନ୍‌ଲାଇନରେ ସେବା ଯୋଗାଇ ଦେବା ଉପରେ ମନ୍ତ୍ରୀ ବେହେରା ଗୁରୁତ୍ୱ ଦେଇଛନ୍ତି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷା ପର୍ଯ୍ୟନ୍ତ କ୍ରୀଡାକୁ ବାଧ୍ୟତାମୂଳକ ବିଷୟରେ ସାମିଲ କରିବା ନେଇ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ବିଭାଗୀୟ ଶାସନ ସଚିବ ବିଶାଲ୍ କୁମାର ଦେବ ବୈଠକରେ ମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଏହାସହ ନିକଟରେ ପ୍ରତିଷ୍ଠା ହୋଇଥିବା ହାଇ ପର୍ଫରମାନ୍ସ ସେଣ୍ଟରଗୁଡ଼ିକର କାର୍ଯ୍ୟକାରିତା ନେଇ ମନ୍ତ୍ରୀ ବେହେରା ଆଲୋଚନା କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ବେହେରା ଇଲୋକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ସଚିବ ମନୋଜ କୁମାର ମିଶ୍ର ଏବଂ ଓକାକ୍ ସିଇଓ ମନୋଜ ପଟ୍ଟନାୟକଙ୍କ ସହିତ ଏକ ଭର୍ଚୁଆଲ୍ ସମୀକ୍ଷା ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଛନ୍ତି।

### କରୋନାକୁ ହରାଇଲେ ୯୪ ବର୍ଷୀୟ ବ୍ରିଜ କିଶୋର

**କଟକ ଅଫିସ,୩।୧୧:** ସାରା ବିଶ୍ୱ ମହାମାରୀ କରୋନା ଯୋଗୁ ଚିନ୍ତିତ ଥିବାବେଳେ କଟକ ମହାନଦୀ ବିହାର ଅଞ୍ଚଳର ବ୍ରିଜ କିଶୋର ସିଂହ(୯୪) କରୋନାକୁ ହରାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବ୍ରିଜ କିଶୋର କିଛିଦିନ ତଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ପରେ ତାଙ୍କୁ ପରିବାର ଲୋକ ମେଡିକାଲ ନେଇଥିଲେ। ସେଠାରେ ତାଙ୍କର କରୋନା ପରୀକ୍ଷା କରାଯିବାରୁ ରିପୋର୍ଟ ପଜିଟିଭ ଥିବା ଜଣାପଡିଥିଲା। ପରେ ତାଙ୍କୁ ଅକ୍ଟୋବର ୨୩ରେ ଜଗତ୍‌ପୁରସ୍ଥିତ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୧୦ ଦିନର ଚିକିତ୍ସା ପରେ ବ୍ରଜ କିଶୋର ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

# ଦୀପାବଳିରେ ବାଣକୁ ନା

**କରୋନା ସଂକ୍ରମଣ ତଥା ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଆସନ୍ତା ଦୀପାବଳିରେ ବାଣ ବିକ୍ରି କିମ୍ବା ଫୁଟାଇବାକୁ ସରକାରଙ୍କ ପକ୍ଷରୁ ନିଷେଧ କରାଯାଇଛି। ନଭେମ୍ବର ୧୦ରୁ ୩୦ ଯାଏ ବାଣ ବିକ୍ରି କିମ୍ବା ଫୁଟାଯିବ ନାହିଁ। ବିଶେଷକରି ଏହା ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଥିବାରୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।**

### ଏମାନେ କ'ଣ କୁହନ୍ତି...

ବର୍ତ୍ତମାନର ମହାମାରୀ ସମୟରେ ବାଣ ଫୁଟାଇବା ଆଦୌ ଉଚିତ୍ ନୁହେଁ। ବାଣ ଫୁଟାଇଲେ ବାୟୁ ପ୍ରଦୂଷଣ ବୃଦ୍ଧି ପାଇବ। ଫଳରେ ହସ୍ପିଟାଲରେ ରୋଗୀ ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା ରହିଛି। ବାଣ ଫୁଟାଇଲେ ସେଥିରୁ ନିର୍ଗତ ହେଉଥିବା କାର୍ବନ ମନୋକ୍ସାଇଡ, ସଲ୍‌ଫର ଡାଇଅକ୍ସାଇଡ, ନାଇଟ୍ରୋଜେନ ଅକ୍ସାଇଡ, ନାଇଟ୍ରୋଜେନ ଡାଇକ୍ସାଇଡ ଆଦି ଶରୀର ପାଇଁ କ୍ଷତିକାରକ। ବିଶେଷ କରି ଦୀପାବଳି ସମୟରେ ପରିବେଶରେ ସଲ୍‌ଫର ଡାଇଅକ୍ସାଇଡର ପରିମାଣ ୨ଶହ ପ୍ରତିଶତ ବଢ଼ିଯାଇଥାଏ। ଯାହା ଅଧିକ ମାତ୍ରାରେ ଫୁସ୍‌ଫୁସ୍‌କୁ ଖରାପ କରିବା ସହ ଆଜ୍‌ମା, ବ୍ରୋଙ୍କାଇଟିସ, ଶ୍ୱାସକ୍ରିୟାରେ କଷ୍ଟ, କଫ ପରି ରୋଗର ମୁଖ୍ୟ କାରଣ। ତେଣୁ ବାଣ ବିକ୍ରି ଏବଂ ଫୁଟାଇବା କଟକଣା ଏକ ସମୟୋଚିତ ପଦକ୍ଷେପ।



**– ପ୍ରଫେସର ଜ୍ୟୋତି ପଟ୍ଟନାୟକ, ପଲ୍‌ମୋନାରି ମେଡିସିନ ବିଭାଗ, ଏସ୍‌ସିବି**

ସବୁ ପ୍ରକାର ବାଣ ଆଖି ପାଇଁ କ୍ଷତିକାରକ। ଦୀପାବଳି ସମୟରେ ଲୋକମାନେ ଅଧିକ ସଂଖ୍ୟାରେ ବାଣ ଫୁଟାଇଥାନ୍ତି। ଯେଉଁଥିପାଇଁ ଅସାବଧନତା କାରଣରୁ ଦୁର୍ଘଟଣା ଘଟେ । ଏଥିରେ ବହୁ ଲୋକ ଅନ୍ଧତ୍ୱ ଶିକାର ହୋଇଥାନ୍ତି। ବାଣ ଛୋଟ ବଡ଼ ମଧ୍ୟରେ କିଛି ଫରକ ନଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ତାର ଭୟାବହତା। ଚକ୍ଷୁ ସୁରକ୍ଷା ନିମନ୍ତେ ବାଣ ନ ଫୁଟାଇବା ଦରକାର।



**– ପ୍ରଫେସର ଶୁଭବ୍ରତା ପରିଡ଼ା, ଚକ୍ଷୁ ବିଭାଗ ମୁଖ୍ୟ, ଏସ୍‌ସିବି**

୧୨୦ ଡେସିବଲରୁ ଅଧିକ ଶବ୍ଦ କାନ ପାଇଁ କ୍ଷତିକାରକ। ତେଣୁ ବାଣ ଫୁଟାଇବା ଦ୍ୱାରା ଅନେକ ଲୋକ ଶ୍ରବଣ ଶକ୍ତି ହରାଇଥାନ୍ତି। ବାଣରୁ ନିର୍ଗତ ଧୂଆଁରେ ନାକର ଭିତର ଅଂଶ ଶୁଷ୍କ ହୋଇଯାଇଥାଏ। ଅନେକ ପ୍ରକାର ଆଲର୍ଜି ଦେଖାଯାଇଥାଏ। ଏହା ବ୍ୟତୀତ ସାଇନୋସାଇଟ୍‌ସ, ମାଇଗ୍ରେନ ପରି ରୋଗ ଏବଂ ମୁଣ୍ଡବ୍ୟଥାର ଲକ୍ଷଣ ଦେଖାଦିଏ। ବାଣ ଫୁଟାଇବା ନେଇ କଟକଣା ସ୍ୱାଗତଯୋଗ୍ୟ।



**–ଡ. ସିଦ୍ଧାର୍ଥ ପଣ୍ଡିତରାୟ, ଇଏନ୍‌ଟି ବିଶେଷଜ୍ଞ, ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନ**

### ଛିନ୍‌ତାଇ: ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୩।୧୧(ବ୍ୟୁରୋ)**

ଭୁବନେଶ୍ୱର ରେଲୱେ ଷ୍ଟେଶନରେ ଯାତ୍ରୀଙ୍କ ଠାରୁ ଛିନ୍‌ତାଇ କରୁଥିବା ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ଜିଆର୍‌ପି ଗିରଫ କରିଛି। ଏଥିସହ ଛିନ୍‌ତାଇ ହୋଇଥିବା ବ୍ୟାଗ୍ ଓ ସେଥିରେ ଥିବା ଟଙ୍କା ଏବଂ ମୋବାଇଲ୍‌କୁ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଞ୍ଜାମ ଖଲ୍ଲିକୋଟ ଅଞ୍ଚଳର ବୁଲୁ ଘୋଷ। ଏନେଇ ଏକ ମାମଲା(ନଂ.୯୭/୨୦୨୦) ରୁଜୁ ହୋଇଛି। ଗଜପତି ଜିଲା କାଶୀନଗର ଅଞ୍ଚଳର କେ. ରବୀନ୍ଦ୍ର ପରିବାର ସହ କୋଣାର୍କ ଏକ୍ସପ୍ରେସରେ ଭୁବନେଶ୍ୱର ଆସିଥିଲେ। ସେ ଷ୍ଟେଶନରେ ପରିବାର ସହ ଟ୍ରେନରୁ ଓହ୍ଲାଇବାବେଳେ ଅଭିଯୁକ୍ତ ତାଙ୍କ ବ୍ୟାଗ ଛଡ଼ାଇ ନେଇ ଫେରାର ହୋଇଯାଇଥିଲା। ଏହାଦେଖି ଜିଆର୍‌ପି ଓ ଆରପିଏଫ ଅଭିଯୁକ୍ତଙ୍କୁ ପିଛା କରି କାବୁ କରିବା ସହ ବ୍ୟାଗ ଉଦ୍ଧାର କରିଥିଲେ।

**ଖୋର୍ଦ୍ଧା ଗ୍ରାମାଞ୍ଚଳରେ କମୁଛି ଆକ୍ରାନ୍ତଙ୍କ ସଂଖ୍ୟା**

**ଖୋର୍ଦ୍ଧା ଅଫିସ:** ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମିବାରେ ଲାଗିଛି। ଅକ୍ଟୋବର ଦ୍ୱିତୀୟ ସପ୍ତାହରୁ ସଂକ୍ରମିତଙ୍କ ସଂଖ୍ୟା ନିୟନ୍ତ୍ରଣରେ ରହିଛି। ମଙ୍ଗଳବାର ୧୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୬୭ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ବାଲିଅନ୍ତା ୨, ଭୁବନେଶ୍ୱର ବ୍ଲକ ୧, ଜଟଣୀ ୬, ଖୋର୍ଦ୍ଧା ବ୍ଲକ ୫, ଟାଙ୍ଗୀ ୧ ଏବଂ ବାଣପୁରର ୨ଜଣ ରହିଛନ୍ତି। ଗ୍ରାମାଞ୍ଚଳରେ ଶନିବାର ସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟା ୧୨୬୭୦ରେ ପହଞ୍ଚିଛି। ତନ୍ମଧ୍ୟରୁ ୧୨୨୪୧ଜଣ ସୁସ୍ଥ ହୋଇଥିବା ବେଳେ ୩୭୭ଜଣ ସକ୍ରିୟ ରହିଛନ୍ତି। ୫୬ଜଣଙ୍କ ମୃତ୍ୟୁ ଘଟିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ସଂକ୍ଷେପରେ

### ବାଲିଘାଟରେ ଚଢ଼ାଉ, ୨ ଟ୍ରାକ୍ଟର ଜବତ

**ପିପିଲି,୩।୧୧(ସ୍ୱ.ପ୍ର.):** ପିପିଲି ଥାନା ଅଞ୍ଚଳର ଏକ ବେଆଇନ ବାଲିଘାଟ ଉପରେ ପୋଲିସ ଚଢ଼ାଉ କରିଥିଲେ। ଏଥିରେ ୨ ଟ୍ରାକ୍ଟର ଜବତ ସହ ଡ୍ରାଇଭରମାନଙ୍କୁ ଥାନାରେ ଅଟକ ରଖିଛି। ସୂଚନା ମୁତାବକ, ପିପିଲି ପୋଲିସ ମଙ୍ଗଳବାର ପାଟ୍ରୋଲିଂ କରିବାବେଳେ ପିପିଲି ବ୍ଲକ ପୋପରଙ୍ଗା ଘାଟରୁ ବେଆଇନ ଭାବେ ବାଲି ଚାଲାଣ କରାଯାଉଥିବାର ସୂଚନା ମିଳିଥିଲା। ଏସ୍ଆଇ ସନ୍ଦିପ ଦାସ ଓ ଏଏସ୍ଆଇ ରବୀନ୍ଦ୍ର ନାୟକ ସଦଳବଳ ସେଠାରେ ଚଢ଼ାଉ କରିଥିଲେ। ଚଢାଉ ବେଳେ ଖସିବାକୁ ଚେଷ୍ଟା କରୁଥିବାବେଳେ ୨ଟି ବାଲି ବୋଝେଇ ଟ୍ରାକ୍ଟର ଧରିବା ସହ ଡ୍ରାଇଭରଙ୍କୁ ପଚରାଉଚୁରା କରାଯାଉଥିବା ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି କହିଛନ୍ତି। ଅନ୍ୟପଟେ ଚଢ଼ାଉ ବେଳେ ବାଲି ଉଠାଣ ମେଶିନ ଡଙ୍ଗାକୁ ଜବତ ନ କରି ଛାଡ଼ି ଦେଇ ଆସିବା ସାଧାରଣରେ ପୋଲିସ ଉପରେ ନାନା ସନ୍ଦେହ ସୃଷ୍ଟି ହୋଇଛି।

### ମଦ ଜବତ, ୨ ମହିଳା ସମେତ ୪ ଗିରଫ

**ସାକ୍ଷୀଗୋପାଳ,୩।୧୧(ସ୍ୱ.ପ୍ର.):** ପୁରୀ ଜିଲା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ସତ୍ୟବାଦୀ ଓ ଚନ୍ଦନପୁର ଥାନା ଅଞ୍ଚଳରେ ଚଢ଼ାଉ କରି ୨ମହିଳାଙ୍କ ସମେତ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ସୂର୍ଯ୍ୟକାନ୍ତ ବେହେରା, ଦେବବ୍ରତ ବେହେରା, ସ୍ୱର୍ଣ୍ଣଲତା ବେହେରା ଓ ରସନା ବେହେରା। ପୋଲିସ ସେମାନଙ୍କଠାରୁ ୭୦୦ଲିଟର ପୋଚ, ୭୦ଲିଟର ଦେଶୀ ମଦ ସମେତ ବ୍ୟବହୃତ ସାମଗ୍ରୀଗୁଡ଼ିକୁ ଜବତ କରାଯାଇଛି। ଏହି ଥାନା ଅଧୀନ ନହଲାଗାଁରେ ଚୋରାରେ ଦେଶୀ ମଦ ପ୍ରସ୍ତୁତ କରାଯାଇ ବେପାର କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା। ପରେ ପୁରୀ ଅବକାରୀ ବିଭାଗ ଅଧିକାରୀ ବନ୍ଦନା ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ କରି ସେଠାରେ ଚଢ଼ାଉ କରି ୪ଜଣଙ୍କୁ ଧରାଯାଇଥିଲା।

### ବାଲୁଗାଁରେ ଯୋଗାଣ ବିଭାଗର ଚଢ଼ାଉ

**ବାଲୁଗାଁ,୩।୧୧(ଡି.ଏନ୍.ଏ.):** ବାଲୁଗାଁ ଅଞ୍ଚଳରେ ପରିବା ଦର ଅହେତୁକ ବୃଦ୍ଧି ହେତୁ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଅଭିଯୋଗ ହେବା ପରେ ମଙ୍ଗଳବାର ଚିଲିକା ବ୍ଲକ ଯୋଗାଣ ନିରୀକ୍ଷକ ତ୍ରିଲୋଚନ ସାହୁ ବାଲୁଁଗା ଅଞ୍ଚଳର ପରିବା ଦୋକାନ ଏବଂ ଗୋଦାମରେ ଚଢ଼ାଉ କରିଥିଲେ। ଗୋଦାମ ବ୍ୟବସାୟୀ ମାଲିକଙ୍କୁ ତାଗିଦ୍ କରିବା ସହ ଦୈନିକ ନିର୍ଦ୍ଧାରିତ ଦର ତାଲିକା ଦୋକାନ ଆଗରେ ଝୁଲାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ବିଭିନ୍ନ ପରିବା ମୂଲ୍ୟ ପଚାରି ବୁଝିଥିଲେ। ଏହି ଚଢ଼ାଉ ଜାରି ରହିବ ବୋଲି ଯୋଗାଣ ନିରୀକ୍ଷକ ସାହୁ କହିଛନ୍ତି। ମଙ୍ଗଳବାର ବାଲୁଗାଁରେ ଆଳୁ କେଜି ୫୦ଟଙ୍କା, ପିଆଜ ୮୦, ବାଇଗଣ ୮୦, ଫୁଲ କୋବି ୭୦, ଟମାଟୋ ୬୦, ଛୁଇଁ ୧୪୦, ପୋଟଳ ୭୦ଟଙ୍କାରେ ଉଚ୍ଚା ଦରରେ ବିକ୍ରି ହେଉଥିବା ଜଣାପଡ଼ିବା ପରେ ଏହି ଚଢ଼ାଉ କରାଯାଇଥିଲା।

### ଅମ୍ଳଜାନ ସେବା ଆରମ୍ଭ

**ପୁରୀ ଅଫିସ,୩।୧୧:** ଶ୍ରୀକ୍ଷେତ୍ରବାସୀ ଓ ପର୍ଯ୍ୟଟକଙ୍କୁ ସ୍ୱାସ୍ଥ୍ୟ ସହଯୋଗ ଦେବା ପାଇଁ ମଙ୍ଗଳବାର ସମର୍ପଣ ଏବଂ ମିଶନ ଓଡ଼ିଶା ପକ୍ଷରୁ ଅମ୍ଳଜାନ ସେବା ଆରମ୍ଭ ହୋଇଛି। ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏହାକୁ ଉଦ୍‌ଘାଟନ କରିଥିଲେ। ସାମାଜିକ କର୍ମୀ ବଦ୍ରି ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡ. ଅଭିମନ୍ୟୁ ଭୂୟାଁ, ପୁରୀ ହୋଟେଲ ସଂଘ ସମ୍ପାଦକ ରାଜକିଶୋର ପାତ୍ର, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ଶିଳ୍ପପତି ଶିବ ସେନାପତି ଏବଂ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଅମ୍ଳଜାନ ସେବା ସଫଳ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ସାମାଜିକ କର୍ମୀ ଜଗନ୍ନାଥ ବସ୍ତିଆ, ସାହିଭାଇର ବ୍ରଜବନ୍ଧୁ ମହାରଣା, ଦେବରାଜ ପ୍ରଧାନ ଗଠନମୂଳକ ପ୍ରସ୍ତାବ ଦେଇଥିଲେ। ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର, ସମର୍ପଣ ସହସମ୍ପାଦକ ସୌମ୍ୟରଞ୍ଜନ ପାତ୍ର ଓ କୋଷାଧକ୍ଷ ଗୋବିନ୍ଦ ପାତ୍ର ସଭା ପରିଚଳନା ଏବଂ ଶ୍ୟାମପ୍ରକାଶ ସେନାପତି ସଂଯୋଜନା କରିଥିଲେ।

# ଜଗତ୍‌ପୁର ଅଞ୍ଚଳରେ ରାସ୍ତା ବିପର୍ଯ୍ୟସ୍ତ

**କଟକ ଅଫିସ,୩।୧୧**

ଜଗତ୍‌ପୁର ଅଞ୍ଚଳରେ ରାସ୍ତାଘାଟ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ମୁଖ୍ୟତଃ ଜଗତ୍‌ପୁର ଗୋଲେଇ ଛକ ରାସ୍ତା, ମଧୁବାବୁ ପ୍ରତିମୂର୍ତ୍ତି ସମ୍ମୁଖ ରାସ୍ତା ନଷ୍ଟ ହୋଇଗଲାଣି। ରାସ୍ତା ମଝିରେ ବଡ ଗର୍ତ୍ତ ସୃଷ୍ଟି ହେବା ସହ ଟ୍ରକ୍ ଟର୍ମିନାଲ ଠାରୁ ରେଲୱେ ଅଣ୍ଡର ବ୍ରିଜ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ରାସ୍ତା ଖାଇଯାଇଛି। ଯାହାଦ୍ୱାରା ଯାନବାହନ ଚଳାଚଳରେ ସମସ୍ୟା ହେଉଛି। ପ୍ରତିଦିନ ଦୁର୍ଘଟଣା ମଧ୍ୟ ଘଟୁଛି। ତେଣୁ ତୁରନ୍ତ ରାସ୍ତା ମରାମତି ପାଇଁ ଜଗତ୍‌ପୁର କଂଗ୍ରେସ କମିଟି ପକ୍ଷରୁ ଦାବି ହୋଇଛି। ସିଏମ୍‌ସି ୪୮ନଂ. ୱାର୍ଡ ସଭାପତି ରଶ୍ମିକାନ୍ତ ସାମଲ ଓ ୪୯ ନଂ. ୱାର୍ଡ ସଭାପତି ଅଲେଖ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ବେହେରାଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ନିର୍ବାହୀଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସହକାରୀ ଯନ୍ତ୍ରୀ ବେହେରାଙ୍କୁ ପ୍ରଦାନ କରିଥିଲେ। ଏହି ପ୍ରତିନିଧି ଦଳରେ ପିସିସି ସଭ୍ୟ ମାନସ ପରିଡା, ଲଳିତ ଭୂୟାଁ, ଗୋଲେଖ ରାଉତ, ବାଞ୍ଛାନିଧି ମିଶ୍ର, ଉମାଶଙ୍କର ସାମଲ, ଧୀରେନ୍ଦ୍ର ମହାନ୍ତି ପ୍ରମୁଖ ସାମିଲ ହୋଇ ତୁରନ୍ତ ରାସ୍ତା ମରାମତି ପାଇଁ ଦାବି କରିଥିଲେ।

## ଡ୍ରେନ୍ ସଫେଇ ପାଇଁ ଦାବିପତ୍ର

**କଟକ ଅଫିସ, ୩।୧୧**

ସହରର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ମାତ୍ର ଏହି ପରିମଳ ବ୍ୟବସ୍ଥାରେ ସୁଧାର ଆସୁ ନ ଥିବା କେଶରପୁର ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କେଶରପୁରର ରଫ୍‌ଲେନ, କବ୍ରସ୍ଥାନ ଛକ, ଚାନ୍ଦଗଳି, ମହାମାୟା ସ୍କୁଲ, କେଶରପୁର ସାଇ ଭିଜନ ମେଡିକାଲ ଓ ଶାନ୍ତି ମଣ୍ଡପ ପର୍ଯ୍ୟନ୍ତ ଡ୍ରେନ୍‌ଗୁଡିକର ଅବସ୍ଥା ଶୋଚନୀୟ ହୋଇପଡିଛି। ଡ୍ରେନ୍ ଜାମ୍ ଥିବାରୁ ବର୍ଜ୍ୟଜଳ ଠିକ୍ ଭାବେ ନିଷ୍କାସନ ହୋଇପାରୁନି। ଜାଇକାର ଅଧାପନ୍ତରିଆ କାର୍ଯ୍ୟ ଯୋଗୁ ସାମାନ୍ୟ ବର୍ଷାରେ ଡ୍ରେନ୍‌ଗୁଡିକରେ ମାଟି ଧୋଇହୋଇ ପଶୁଛି। ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରିବା ପାଇଁ କେଶରପୁର ସମାଜସେବା ସଂଘ ପକ୍ଷରୁ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କୁ ଦାବିପତ୍ର ଦିଆଯାଇଛି। ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ ସଂଘ ଦାବି କରିଛି। ଏହି କାର୍ଯ୍ୟକ୍ରମରେ ଆଜିଜ ଖାନ୍‌ଙ୍କ ନେତୃତ୍ୱରେ ନମିତା ଦେ, ଜ୍ୟୋତ୍ସ୍ନାରାଣୀ ସାହୁ, ସୁଲୋଚନା ସାହୁ, ମଞ୍ଜୁଲାରାଣୀ ସାହୁ, ନୀଳାବତୀ ସାହୁ, ଲିଜା ସାହୁ, ଏ.ଜାନକୀ ଅନନ୍ତ ଚରଣ ସାହୁ, ଏମ୍. ଡି. ହାମିଦ ପ୍ରମୁଖ ଉପସ୍ଥିତ ଥିଲେ।


ଭୁବନେଶ୍ୱର ପାତ୍ରପଡ଼ାରେ ଥିବା ଏକ ବେଆଇନ ଘରକୁ ମଙ୍ଗଳବାର ବିଡିଏ ପକ୍ଷରୁ ଉଚ୍ଛେଦ କରାଯାଉଛି।



ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ପକ୍ଷରୁ ମଙ୍ଗଳବାର ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଏବଂ କୃଷି ଆଇନ ବିରୋଧରେ କଟକ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ କରାଯାଉଛି।

## ତୃତୀୟ ଦିନରେ ଠିକା କର୍ମଚାରୀଙ୍କ ଧାରଣା

**ଖୋର୍ଦ୍ଧା ଅଫିସ,୩।୧୧**

ଖୋର୍ଦ୍ଧା ସାରୁଅସ୍ଥିତ ଓଟିଭି ଷ୍ଟୁଡିଓ ଆଗରେ ଠିକା କର୍ମଚାରୀଙ୍କ ଧାରଣା ମଙ୍ଗଳବାର ତୃତୀୟ ଦିନରେ ପହଞ୍ଚିଛି। ୫ଦଫା ଦାବିରେ ଶତାଧିକ ଠିକା କର୍ମଚାରୀ ସୋମବାର ସକାଳ ୮ଟାରୁ ଅସ୍ଥାୟୀ ଟେଣ୍ଟ ପକାଇ ଧାରଣା ଦେଇଛନ୍ତି। ସ୍ଥାୟୀ ନିଯୁକ୍ତି, ମାସିକ ୧୫ହଜାର ଟଙ୍କା, ଇପିଏଫ, ଇଏସଆଇ ବ୍ୟବସ୍ଥା, ବୀମା ଅନ୍ତର୍ଭୁକ୍ତ ଏବଂ ଶ୍ରମ ଆଇନ ଅନୁଯାୟୀ ସମସ୍ତ ସୁବିଧା ସୁଯୋଗ ପ୍ରଦାନ ଲାଗି ଦାବିରେ ଉଲ୍ଲେଖ ରହିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଠିକା କର୍ମଚାରୀମାନେ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ତାଙ୍କ ସହ ଆଲୋଚନା ଲାଗି କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ଓଟିଭି କର୍ତ୍ତୃପକ୍ଷ ତାଙ୍କ ନିକଟକୁ ଆସି ନ ଥିବା ଠିକା କର୍ମଚାରୀମାନେ କହିଛନ୍ତି। ରାଜ୍ୟ ଦଳିତ ମହାସଂଘର ସଭାପତି ଅଶୋକ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଠିକା କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଦଳିତଙ୍କ ଜମିକୁ ହଡ଼ପ ଘଟଣାର ନିରପେକ୍ଷ ତଦନ୍ତ ଲାଗି ଦାବି କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅନ୍ୟପଟେ ୭ଦିନ ମଧ୍ୟରେ ଓଟିଭି କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ଦାଖଲ କରିବାକୁ ଭୁବନେଶ୍ୱର ଡିଭିଜନାଲ ଲେବର କମିଶନ ନୋଟିସ ଜାରି କରିଛନ୍ତି।

## କଳା ପ୍ରଦର୍ଶନ ପାଇଁ ଅନୁମତି ମିଳୁ

**ଖୋର୍ଦ୍ଧା ଅଫିସ,୩।୧୧**

ଦୀର୍ଘ ୮ମାସ ଧରି କରୋନା ମହାମାରୀ ମଞ୍ଚ କଳାକାରଙ୍କ ରୋଜଗାର ଓ ଜୀବିକା ଛଡ଼ାଇ ନେଇଛି। ସେମାନେ ଜୀବନ ଓ ଜୀବିକାର ଦୋଛକିରେ ଛିଡ଼ା ହୋଇଛନ୍ତି। ଜୀବିକା ବଞ୍ଚିଲେ ଜୀବନ ବଞ୍ଚିବ। ଏନେଇ ମଙ୍ଗଳବାର ଖୋର୍ଦ୍ଧା ଜିଲା କଳାକାର ମହାସଂଘ ପକ୍ଷରୁ ବରୁଣେଇ ପାହାଡ଼ ପାଦଦେଶରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ମଞ୍ଚ କଳାକାର ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କଳାକାରମାନେ ନିଜ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଅନ୍ୟ କ୍ଷେତ୍ର ଭଳି ସାଂସ୍କୃତିକ କ୍ଷେତ୍ରରେ କଟକଣାକୁ କୋହଳ କରାଯାଇ ଅନୁମତି ମିଳୁ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ଲାଗି ଆସନ୍ତା ୯ତାରିଖରେ ନୀରବ ଶୋଭାଯାତ୍ରା ଏବଂ ଦାବିପତ୍ର ଦେବା ପାଇଁ ନିଷ୍ପତ୍ତି ହୋଇଛି। ଏଥିଲାଗି ଏକ କମିଟି ଗଠନ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅବିନାଶ ସୁବୁଦ୍ଧି, ଧ୍ରୁବଚରଣ ମହାପାତ୍ର, ଅଟଳ ଧର୍ମରାଜ, ଜ୍ୟୋତିଶଙ୍କର ପଟ୍ଟନାୟକ, ଦେବାଶିଷ ପାତ୍ର, ମାନସ ରଞ୍ଜନ ପରିଡ଼ାଙ୍କ ସମେତ ବହୁ କଳାକାର ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

**ପୁରୀ ଅଫିସ, ୩।୧୧**

ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ରାଷ୍ଟ୍ରୀୟ ମଜ୍‌ଦୁର କଂଗ୍ରେସ ପକ୍ଷରୁ ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଛି। କରୋନା ଭଳି ସ୍ଥିତିରେ ରାଜ୍ୟ ସରକାର ବିଦ୍ୟୁତ୍ ଶୁଳ୍କ ଛାଡ ନ କରି ୟୁନିଟ୍ ପିଛା ୨୦ ପଇସା ବୃଦ୍ଧି କରିଛନ୍ତି। କର୍ମଚାରୀଙ୍କ ଚାକିରିର ସ୍ଥାୟୀତ୍ୱ, ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟ ନିରାପତ୍ତା, ମଜୁରି, ବୋନସ୍ ସମ୍ପର୍କରେ ସର୍ତ୍ତ ନ ରଖିବା ଏବଂ କରୋନା ସଂକ୍ରମିତ ହୋଇ ମୃତ୍ୟୁ ଘଟୁଥିବା କାର୍ଯ୍ୟରତ ବିଦ୍ୟୁତ୍ ଶ୍ରମିକଙ୍କୁ କରୋନା ଯୋଦ୍ଧା ଘୋଷଣା ସହ ସେମାନଙ୍କ ପରିବାରକୁ କ୍ଷତିପୂରଣ ନ ଦିଆଯିବାକୁ ନିନ୍ଦା କରାଯାଇଛି। ଏହି ଦାବି ପୂରଣ ପାଇଁ ୩ ଦିନ ଧରି ଧାରଣା ଓ ବିକ୍ଷୋଭ କରାଯିବ ବୋଲି ସଙ୍ଗଠନର ରାଜ୍ୟ ଉପସଭାପତି ପ୍ରଶାନ୍ତ କୁମାର ମହାପାତ୍ର କହିଛନ୍ତି। ଆନ୍ଦୋଳନରେ ବିଜୟ କୁମାର ରେଡ୍ଡୀ, ସଞ୍ଜୀବ ପ୍ରସାଦ ବେହେରା, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ମାନସ ବେହେରା ପ୍ରମୁଖ ସାମିଲ ଥିଲେ।

## ଶିଶୁ ଯତ୍ନ ଅନୁଷ୍ଠାନ ଅନ୍ତେବାସୀଙ୍କ ସଫଳତା

**ପୁରୀ ଅଫିସ,୩।୧୧**

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ପାସ୍ କରିଥିବା ପୁରୀ ଜିଲାର ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନର ୧୨ଜଣ ଅନ୍ତେବାସୀ ସ୍ଥାନୀୟ ସରକାରୀ ପଲିଟେକନିକ୍‌ରେ ଆଡମିଶନ କରିଛନ୍ତି। ଜିଲା ଶିଶୁ ସୁରକ୍ଷା ଶାଖା, ଶିଶୁ ଯତ୍ନ ଅନୁଷ୍ଠାନ, ବୈଷୟିକ ଶିକ୍ଷା ତାଲିମ ଅନୁଷ୍ଠାନ ମିଳିତ ପ୍ରୟାସରେ ଜିଲା ପ୍ରଶାସନ ସହାୟତାରେ ଏହି ଶିଶୁମାନଙ୍କୁ ନିରନ୍ତର ପରାମର୍ଶ ସେବା ପ୍ରଦାନ କରାଯାଇଥିଲା। ସେମାନଙ୍କ ଆଗ୍ରହ ଓ ଦକ୍ଷତାକୁ ବିଚାରକୁ ନେଇ ମେକାନିକାଲ, ଇଲେକ୍ଟ୍ରିକାଲ, ସିଭିଲ ଆଦି ବିଭିନ୍ନ ଟ୍ରେଡରେ ଆଡ୍‌ମିଶନ କରାଯାଇଛି। ଏହି ସମୟରେ ବିଜୁ ପଟ୍ଟନାୟକ ବୈଷୟିକ ତାଲିମ ଅନୁଷ୍ଠାନର ଅଧକ୍ଷ ଅଶୋକ କୁମାର ରଥ, ଜିଲା ଶିଶୁ ସୁରକ୍ଷା ଶାଖାର ସୁରକ୍ଷା ଅଧିକାରୀ ଶୁଭନାରାୟଣ ଶତପଥୀ, ଆଡମିଶନ ଇନ୍‌ଚାର୍ଜ ଶୁଭ୍ରଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ କହିଛନ୍ତି, ଆମେମାନେ ଏହି ଶିଶୁମାନଙ୍କ ସର୍ବୋତ୍ତମ ସ୍ୱାର୍ଥ ପାଇଁ ସଦା ଜାଗ୍ରତ ଓ ଚେଷ୍ଟିତ। ସେହିପରି ଜିଲାପାଳ ବଲୱନ୍ତ ସିଂ ଶିଶୁମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ବୈଷୟିକ ଶିକ୍ଷାରେ ସେମାନଙ୍କ ଭବିଷ୍ୟତ ଗଠନକୁ ଏକ ନୂତନ ଦିଗ ଦେବ ବୋଲି କହିଥିଲେ।

## ଭିକାରୀ ବଳ ଭଜନ ସନ୍ଧ୍ୟା

**ଭୁବନେଶ୍ୱର,୩।୧୧(ବ୍ୟୁରୋ):** ଭିକାରୀ ବଳ ସ୍ମୃତି ସଂସଦ ଏବଂ କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚର ମିଳିତ ଆନୁକୂଲ୍ୟରେ ଭଜନ ସମ୍ରାଟ ଭିକାରୀ ବଳଙ୍କର ୧୦ମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଭଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସୋମବାର କୋଭିଡ୍ କଟକଣା ମାନି ଡିଜିଟାଲ ପ୍ଲାଟ୍‌ଫର୍ମ ୟୁଟ୍ୟୁବ ଓ ଫେସବୁକ୍‌ରେ ଭିକାରୀ ବଳଙ୍କ ଭଜନ ସିଧା ପ୍ରସାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ସୁବାର୍ତ୍ତା ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥି ଯୋଗଦେଇ ଓଡ଼ିଆ ଭଜନ ଜଗତକୁ ଭଜନ ସମ୍ରାଟ ଭିକାରୀ ବଳଙ୍କ ଅବଦାନ ସମ୍ପର୍କରେ କହିଥିଲେ। ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ଏବଂ ଭିକାରୀ ବଳ ସ୍ମୃତି ସଂସଦର ସଭାପତି ସଂଗ୍ରାମ କେଶରୀ ପାଇକରାୟ ସଭା ପରିଚାଳନା ଓ ଚିତ୍ତରଞ୍ଜନ ମହାନ୍ତି ସହଯୋଗ କରିଥିଲେ। ଭିକାରୀ ବଳଙ୍କ ଅବିକଳ ସ୍ୱରରେ ଗାଉଥିବା କଣ୍ଠଶିଳ୍ପୀ ରବିନ୍ଦ୍ର ମହାପାତ୍ର ଏବଂ ଶିଶୁ କଣ୍ଠଶିଳ୍ପୀ ଅନୁଷ୍କା ଦାସ ଭଜନ ପରିବେଷଣ କରିଥିଲେ। ତବଲାରେ ସଚିନ ରଥ, କି ପ୍ୟାଡ୍‌ରେ ସଞ୍ଜୟ, ଓକ୍ଟୋପ୍ୟାଡ୍‌ରେ ଗୋପାଳ ମୁଦୁଲି ପ୍ରମୁଖ ବାଦ୍ୟ ପରିବେଷଣ କରିଥିବା ବେଳେ ଇଂ ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସିଫାରେ ସତର୍କତା ସଚେତନତା ସପ୍ତାହ

**ବାଲକାଟୀ,୩।୧୧(ଡି.ଏନ୍.ଏ.)**

କୌଶଲ୍ୟାଗଙ୍ଗାସ୍ଥିତ କେନ୍ଦ୍ରୀୟ ମଧୁରଜଳ ଜୀବପାଳନ ଅନୁସନ୍ଧାନ ସଂସ୍ଥାରେ ସତର୍କତା ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ସିଫା ନିର୍ଦ୍ଦେଶକ ସରୋଜ ସ୍ୱାଇଁ, ମୁଖ୍ୟ ପ୍ରଶାସକ ଇନ୍ଦ୍ରଭୂଷଣ କୁମାର ଅତିଥିଭାବେ ଯୋଗଦେଇ ଗୋଟିଏ ଅନୁଷ୍ଠାନର ସ୍ୱଚ୍ଛ ପ୍ରତିଛବି ଓ ସାଧାରଣ ସେବା ନିମନ୍ତେ ସତର୍କତାର ଆବଶ୍ୟକୀୟ ଭୂମିକା ଉପରେ ଆଲୋକପାତ କରିଥିଲେ। ଭିଜିଲାନ୍ସ ଅଧିକାରୀ ଡ.ମୃଣାଳ ସାମନ୍ତ ସତର୍କତା ସଚେତନତା ଉପରେ ଏକ ଡିଜିଟାଲ ପ୍ରେଜେଣ୍ଟସନ ଦେଇଥିଲେ। 'ସତର୍କ ଭାରତ ସମୃଦ୍ଧ ଭାରତ' ବିଷୟବସ୍ତୁ ଉପରେ ଆଧାରିତ ଏହି ସତର୍କତା ସପ୍ତାହର ପ୍ରାରମ୍ଭରେ ସିଫା ମୁଖ୍ୟାଳୟର ସମସ୍ତ କର୍ମଚାରୀଙ୍କ ସମେତ ଗୁଜରାଟର ଆନନ୍ଦ, ପଶ୍ଚିମବଙ୍ଗର ରାହାର କଲ୍ୟାଣୀ, ଆନ୍ଧ୍ରପ୍ରଦେଶର ବିଜୟୱାଡା ଓ କର୍ଣ୍ଣାଟକର ବେଙ୍ଗାଲୁରୁରେ ଥିବା ଆଞ୍ଚଳିକ ଅନୁସନ୍ଧାନ କେନ୍ଦ୍ରରେ ଭର୍ଚୁଆଲ ମାଧ୍ୟମରେ ନାଗରିକଙ୍କ ପ୍ରତି ସାଧୁତା ପାଠ ନୂଆଦିଲ୍ଲୀରେ ଥିବା ଭାରତୀୟ କୃଷି ପରିଷଦର ମହାନିର୍ଦ୍ଦେଶକ ଡ.ତ୍ରିଲୋଚନ ମହାପାତ୍ର କରାଇଥିଲେ। ଏହି ଅବସରରେ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ଶେଷରେ ଭିଜିଲାନ୍ସ ଅଧିକାରୀ ଡ. ଏମ୍.ସାମନ୍ତ ଧନ୍ୟବାଦ ଦେଇଥିଲେ।

## ନିଖୋଜ ନାବାଳିକାଙ୍କ ପତ୍ତା ପାଉନି ପୋଲିସ

**ବାଲକାଟୀ,୩।୧୧(ଡି.ଏନ୍.ଏ.)**

ବାଲକାଟୀ ଫାଣ୍ଡି ଅଞ୍ଚଳର ଜଣେ ନାବାଳିକା ନିଖୋଜ ଅଭିଯୋଗକୁ ଦେଢ଼ ମାସ ବିତିଯାଇଥିଲେ ମଧ୍ୟ ପୋଲିସ ନାବାଳିକାଙ୍କ ପତ୍ତା ପାଉନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଥାଉ କି, ଏହି ଫାଣ୍ଡି ଅଞ୍ଚଳର ଜଣେ ୧୬ବର୍ଷର ବାଳିକା ଗତ ସେପ୍ଟମ୍ବର ୧୬ତାରିଖ ସକାଳ ୭ଟାରେ ସ୍ଥାନୀୟ ମନ୍ଦିରକୁ ଯାଇଥିଲେ। ଝିଅ ଘରକୁ ଫେରିବାରୁ ବିଳମ୍ବ ହେବାରୁ ପରିବାରଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ହେଲେ ତାଙ୍କର ସନ୍ଧାନ ପାଇ ନ ଥିଲେ। କିଛିଦିନ ପୂର୍ବେ ପିପିଲି ଥାନା ଜଗନ୍ନାଥପୁର ଅଞ୍ଚଳର ମଣ୍ଟୁ ଦାସ ଫୋନ କରି ଗାଳିଗୁଲଜ କରିବା ସହ ତାଙ୍କ ଝିଅକୁ ଅପହରଣ କରିନେବା ନେଇ ଧମକ ଦେଇଥିଲେ ବୋଲି ନାବାଳିକାଙ୍କ ମା' ବାଲିଅନ୍ତା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନିଖୋଜ ମାମଲା (ନଂ.୨୧୪/୨୦)ରୁଜୁକରି ମଣ୍ଟୁଙ୍କ ଘରେ ଚଢ଼ାଉ କରିଥିଲେ। କିନ୍ତୁ ନାବାଳିକାଙ୍କ ପତ୍ତା ପାଇ ନ ଥିଲା। ଏନେଇ ଫାଣ୍ଡି ଅଧିକାରୀ ମନତାଜ୍ ଅଲ୍ଲୀଖାନ୍ କହିଛନ୍ତି, ମଣ୍ଟୁଙ୍କ ଘରେ ଚଢ଼ାଉ କରାଯାଇ ଏକ ବାଇକ୍ ଜବତ ହୋଇଛି। ଖୁବ୍‌ଶୀଘ୍ର ନାବାଳିକାଙ୍କୁ ଉଦ୍ଧାର କରାଯିବ ବୋଲି ସେ କହିଛନ୍ତି।

## ପଲିଥିନ ଧରପଗଡ଼ ଜୋର୍‌ଦାର

**ପୁରୀ ଅଫିସ, ୩।୧୧**

ପୁରୀ ସହରକୁ ପଲିଥିନମୁକ୍ତ କରିବା ଲାଗି ଧରପଗଡ଼ ଜୋର୍‌ଦାର କରାଯାଇଛି। ମଙ୍ଗଳବାର ଦୋଳମଣ୍ଡପ ସାହିସ୍ଥିତ ନୃସିଂହ ମିଷ୍ଟାନ୍ନ ଭଣ୍ଡାରରେ ଚଢ଼ାଉ କରାଯାଇ ପ୍ରାୟ ୩କିଲୋ ପଲିଥିନ ଜବତ କରାଯାଇଥିଲା। ଦୋକାନ ସିଲ୍ ପାଇଁ ଏହାର ମାଲିକଙ୍କୁ ନୋଟିସ ଦିଆଯାଇଛି। ପୂର୍ବରୁ ଏକ ଦୋକାନରୁ ପଲିଥିନ ଜବତ ସହ ଜରିମାନା ଆଦାୟ ହୋଇଥିଲା। ଜହ୍ନିମୁଣ୍ଡିଆ ଛକ ନିକଟ ସଦାଶିବ ପ୍ରଧାନଙ୍କ ଜଳଖିଆ ଦୋକାନରୁ ପଲିଥିନ ଜବତ କରାଯାଇ ଜରିମାନା ଆଦାୟ ହୋଇଛି। ଏନ୍‌ଫୋର୍ସମେଣ୍ଟ ଟିମ୍ ଭୋଗ ଜାଗା ସମ୍ମୁଖରେ ବ୍ୟବହୃତ ପୂଜା ସାମଗ୍ରୀ ଫିଙ୍ଗାଯାଇଥିବା ଦେଖି ସ୍ଥାନୀୟ ଲୋକଙ୍କୁ ଡାକି ଏପରି ନ କରିବାକୁ ପରାମର୍ଶ ଦେଇଥିଲେ। ଏଥିପାଇଁ ସ୍ୱତନ୍ତ୍ର ଭାବେ ଡଷ୍ଟବିନ ରଖିବାକୁ କହିଥିଲେ। ମୋ ଧାମ, ମୋ ଗର୍ବ ସଫେଇ ଅଭିଯାନରେ ସହରର ବିଭିନ୍ନ ଗଳିକନ୍ଦିରେ ସଫେଇ କାମ କରାଯାଉଛି।

## ନଡ଼ିଆ ବାହୁଙ୍ଗାରେ ଧଳା ଚିହ୍ନ, ଲୋକେ ଭୟଭୀତ

**ପୁରୁଣା ଭୁବନେଶ୍ୱର,୩।୧୧ (ଡି.ଏନ୍.ଏ.):** ରାଜଧାନୀ ଉପକଣ୍ଠ ଅଞ୍ଚଳରେ ମଙ୍ଗଳବାର ରାତିରେ ସମସ୍ତ ନଡ଼ିଆ ଗଛ ବାହୁଙ୍ଗାରେ ଧଳା ଚିହ୍ନ ଦେଖିବାକୁ ମିଳିଥିଲା। ଏନେଇ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଏକ ପ୍ରାକୃତିକ କୀଟ ଯାହା ନଡ଼ିଆ ଗଛରେ ହୋଇଥାଏ। ଏହାର ଲାଭା ପ୍ରଥମ ପର୍ଯ୍ୟାୟରେ ରହିଛି। ଯେଉଁଥିପାଇଁ ଏଭଳି ହୋଇଛି ବୋଲି ହେତୁବାଦୀ ସୁଧିର ଦାସ କହିଛନ୍ତି।

## ଦରମା ନ ମିଳିବା ପ୍ରତିବାଦରେ ଧାରଣା

**ଖୁଣ୍ଟୁଣୀ, ୩।୧୧(ଡି.ଏନ.ଏ.):** ଖୁଣ୍ଟୁଣୀସ୍ଥିତ ୧୩୨ କେଭି ଗ୍ରୀଡ୍ ସବ୍-ଷ୍ଟେଶନରେ କାର୍ଯ୍ୟରତ ଏ.ଏସ. ସିକ୍ୟୁରିଟି ସଂସ୍ଥାର ୫ ଜଣ କର୍ମଚାରୀଙ୍କୁ ଗତ ୮ ମାସ ହେଲା ଦରମା ମିଳିନି। ଏହାର ପ୍ରତିବାଦରେ ମଙ୍ଗଳବାର ସକାଳୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଏହି କର୍ମଚାରୀମାନେ ଗ୍ରୀଡ୍ ମୁଖ୍ୟ ଫାଟକ ଆଗରେ ଧାରଣା ଦେଇଥିଲେ। ଉକ୍ତ କର୍ମଚାରୀମାନେ ଦୀର୍ଘଦିନ ହେବ ଦରମା ନ ପାଇବାରୁ ପରିବାର ଚଳାଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଗ୍ରୀଡ୍‌ର ଡିଜିଏମ୍ ଓ ଜେନେରାଲ ମ୍ୟାନେଜରଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ପ୍ରତିକାର ବ୍ୟବସ୍ଥା ହୋଇପାରିନାହିଁ। ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟରୁ ୪ଦିନ ମଧ୍ୟରେ କର୍ମଚାରୀଙ୍କର ସ୍ଥାୟୀ ଭାବେ ଆପ୍ରୁଭାଲ ହୋଇ ଆସିବା ପରେ ଦରମା ମିଳିବ ବୋଲି ଗ୍ରୀଡ୍ ସବ୍-ଷ୍ଟେଶନର ମ୍ୟାନେଜର ସପନ ତ୍ରିପାଠୀ କହିବା ପରେ କର୍ମଚାରୀ ଧାରଣାରୁ ହଟିଥିଲେ।

## ପତିତପାବନଙ୍କୁ ଦର୍ଶନ ସହଜ ହେଲା

**ପୁରୀ ଅଫିସ,୩।୧୧**

କରୋନା କଟକଣା ପାଇଁ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିଛି। ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍ ବାହାରୁ ଭକ୍ତ ଠିଆ ହୋଇ ପତିତପାବନଙ୍କୁ ଦର୍ଶନ କରୁଥିଲେ। ମାତ୍ର କାର୍ତ୍ତିକ ମାସ ଯୋଗୁ ଏବେ ହବିଷିଆଳିମାନେ ଦର୍ଶନ ପାଇଁ ଆସୁଛନ୍ତି। ପରିଣତ ବୟସରେ ପହଞ୍ଚିଥିବା ଅନେକ ହବିଷିଆଳି ଠେଲାପେଲା ଯୋଗୁ ଠିକ୍ ଭାବେ ଦର୍ଶନ କରି ନ ପାରି ଫେରୁଥିଲେ। ସାମାଜିକ ଦୂରତା କଟକଣା ରହୁ ନ ଥିଲା। ଏହାକୁ ହୃଦୟଙ୍ଗମ କରିବା ପରେ ଜିଲା ପ୍ରଶାସନ ପକ୍ଷରୁ ସୁବିଧା କରାଯାଇଛି। ସିଂହଦ୍ୱାର ବ୍ୟାରିକେଡ ମଧ୍ୟଦେଇ ଦର୍ଶନାର୍ଥୀଙ୍କୁ ପ୍ରବେଶ ସୁଯୋଗ ଦିଆଯାଇଛି। ପୂର୍ବାପେକ୍ଷା ପାଖରୁ ଓ ବିନା ଠେଲାପେଲାରେ ପତିତପାବନଙ୍କୁ ଦର୍ଶନ ସାରି ସିଧା କାକୁଡ଼ିଖାଇ ଛକ ନିକଟକୁ ବାହାରୁଛନ୍ତି। ନଚେତ୍ ଯେଉଁମାନେ ଚାହିଁବେ ସେମାନେ ପୁଣି ଶ୍ରୀନଅର ପାଖକୁ ଫେରିବାର ସୁବିଧା କରାଯାଇଛି। କିନ୍ତୁ କାହାରିକୁ ଅରୁଣ ସ୍ତମ୍ଭ ପାଖକୁ ଛଡ଼ାଯାଉ ନାହିଁ। ମଙ୍ଗଳବାର ବହୁ ହବିଷିଆଳି ନିକଟରୁ ପତିତପାବନଙ୍କୁ ଦର୍ଶନ କରି କୃତାର୍ଥ ହୋଇଛନ୍ତି। କାର୍ତ୍ତିକ ମାସରେ ଅନ୍ତତଃପକ୍ଷେ ଏକ ଘଣ୍ଟା ଶ୍ରୀମନ୍ଦିର ବାହାର କାଠ ନିକଟରୁ ଦର୍ଶନ ବ୍ୟବସ୍ଥା କରିବାକୁ ପରିଚାଳନା କମିଟିର କେତେଜଣ ସଦସ୍ୟ ପ୍ରସ୍ତାବ ଦେଇଛନ୍ତି।


ଶ୍ରଦ୍ଧାଳୁଙ୍କ ଶ୍ରୀମନ୍ଦିର ପରିକ୍ରମା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାରିକେଡ୍ କରାଯାଇ ରାସ୍ତା କରାଯାଇଛି।

